# NATIONAL NEWS BULLETIN (ODIA)

**25 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପୋପ୍ ଫ୍ରାନ୍ସିସ୍‌ଙ୍କର ଶେଷକୃତ୍ୟରେ ଯୋଗଦେବା ପାଇଁ ଆଜି ସକାଳେ ଭାଟିକାନ ସିଟି ଅଭିମୁଖେ ଯାତ୍ରା କରିଛନ୍ତି ରାଷ୍ଟ୍ରପତି ।

- ପହଲଗାଓଁରେ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ସ୍ଥିତି ସମୀକ୍ଷା କରିବା ଲାଗି ଶ୍ରୀନଗରରେ ପହଞ୍ଚିଲେ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ।

- ପହଲଗାଓଁରେ ନୀରିହ ନାଗରିକଙ୍କୁ ହତ୍ୟା କରାଯିବା ଘଟଣାକୁ ଜାତୀୟ ମାନବାଧିକାର କମିଶନଙ୍କ ନିନ୍ଦା ।

- ମେଲେରିଆ ରୋଗ ବିଷୟରେ ସଚେତନତା ସୃଷ୍ଟିକରିବା ଲାଗି ଆଜି ପାଳନ କରାଯାଉଛି ବିଶ୍ୱ ମେଲେରିଆ ଦିବସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଚେନ୍ନାଇ ସୁପର କିଙ୍ଗ୍‌ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ହେବ ମୁକାବିଲା ।

---

# ପ୍ରେଜ୍-ଡିପାର୍ଚର ଭାଟିକାନ ସିଟି

ପୋପ୍ ଫ୍ରାନ୍ସିସ୍‌ଙ୍କର ଶେଷକୃତ୍ୟରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ଭାଟିକାନ ସିଟି ଅଭିମୁଖେ ଯାତ୍ରା କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ ଦୁଇଦିନ ଲାଗି ଭାଟିକାନ ସିଟି ଗସ୍ତ କରିଛନ୍ତି । ତାଙ୍କସହ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ୍ କୁରିଆନ ଏବଂ ଗୋଆ ବିଧାନସଭାର ଉପବାଚସ୍ପତି ଜୋସୁଆ ଡି ସୌଜା ମଧ୍ୟ ଯାତ୍ରା କରିଛନ୍ତି ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭାରତ ସରକାର ଏବଂ ଦେଶବାସୀଙ୍କ ପକ୍ଷରୁ ପୋପ୍‌ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଆସନ୍ତାକାଲି ହେବାକୁଥିବା ତାଙ୍କର ଶେଷକୃତ୍ୟରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ରାଷ୍ଟ୍ରପତି ଯୋଗଦେବେ ।

ଅନ୍ୟପକ୍ଷରେ ଆସନ୍ତାକାଲି ପୋପ୍‌ଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବା ପରିପ୍ରେକ୍ଷୀରେ ଭାରତରେ ରାଷ୍ଟ୍ରୀୟ ଶୋକ ପାଳନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି । ମନ୍ତ୍ରଣାଳୟ କହିଛି ଆସନ୍ତାକାଲି ଦେଶବ୍ୟାପୀ ଯେଉଁଠାରେ ନିୟମିତ ଭାବେ ଜାତୀୟ ପତାକା ଲାଗିଥାଏ ସେଠାରେ ଅର୍ଦ୍ଧନମିତ କରାଯିବ । ଏତଦ୍‌ବ୍ୟତୀତ ଆସନ୍ତାକାଲି କୌଣସି ସରକାରୀ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବନାହିଁ ବୋଲି ମନ୍ତ୍ରଣାଳୟ କହିଛି ।

# ଆର୍ମୀଚିଫ୍ - ଜେକେ ଭିଜିଟ୍

ପହଲଗାଓଁରେ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ସ୍ଥିତି ସମୀକ୍ଷା କରିବା ଲାଗି ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ସକାଳେ ଶ୍ରୀନଗରରେ ପହଞ୍ଚିଛନ୍ତି । ଜେନେରାଲ ଦ୍ୱିବେଦୀଙ୍କୁ ଶ୍ରୀନଗର ଚିନ୍ନାର କର୍ପସର କମାଣ୍ଡିଂ ଅଫିସର ସମସ୍ତ ବିଷୟ ବିସ୍ତୃତ ଭାବେ ଅବଗତ କରିଥିଲେ । ଅନ୍ୟପକ୍ଷରେ ସେନାମୁଖ୍ୟଙ୍କୁ ସାମଗ୍ରିକ ସୁରକ୍ଷା ପରିସ୍ଥିତି ଓ ଆତଙ୍କବାଦୀ ବିରୋଧରେ ସେନାପକ୍ଷରୁ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଜଣାଇଥିଲେ ।

ଜେନେରାଲ ଦ୍ୱିବେଦୀ ଜାମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ସାକ୍ଷାତ୍ କରି ପହଲଗାଓଁ ଆତଙ୍କବାଦୀ ଆକ୍ରମଣ ପରେ ସାମଗ୍ରିକ ସୁରକ୍ଷା ପରିସ୍ଥିତି ଉପରେ ଆଲୋଚନା କରିଥିଲେ ।

ସୁଚନା ଅନୁଯାୟୀ ସେନାମୁଖ୍ୟ ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ବୈଷରଣ ଜଙ୍ଗଲରେ ଥିବା ପହଲଗାଓଁ ଆକ୍ରମଣ ସ୍ଥଳ ପରିଦର୍ଶନ କରିବାର ସମ୍ଭାବନା ରହିଛି । ତେବେ ଇତିମଧ୍ୟରେ ଉତ୍ତରକାଶ୍ମୀରର କୁପୱାରା ଜିଲ୍ଲାରେ ନିୟନ୍ତ୍ରଣ ରେଖା ନିକଟରେ ଏକାଧିକ ସ୍ଥାନରୁ ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଥିବା ଜଣାପଡିଛି । ଅସ୍ତ୍ରବିରତି ଉଲ୍ଲଙ୍ଘନ ସୂଚନା ମିଳିବା ପରେ ନିୟନ୍ତ୍ରଣ ରେଖା ନିକଟରେ ଭାରତୀୟ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତକାଲି ବିଳମ୍ବିତ ରାତିରେ ଜାମ୍ମୁ ଅଞ୍ଚଳର ରଜୌରୀ ଏବଂ ପୁଞ୍ଚ୍ ଅଞ୍ଚଳରେ ଏହି ଉଲ୍ଲଙ୍ଘନ ହୋଇଥିବା

ଜଣାପଡିଛି । ପାକିସ୍ତାନ ସେନା ପକ୍ଷରୁ ଛୋଟଛୋଟ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଥିବା ଜଣାପଡିଛି । ଅନ୍ୟପକ୍ଷରେ ପହଲଗାଓଁର ବୈଷରଣ ଅଞ୍ଚଳରେ ସେନା, ପୁଲିସ ଏବଂ ସିଆର୍‌ପିଏଫ୍‌ର ମିଳିତ ବାହିନୀର ତଲାସୀ ଅଭିଯାନ ଆଜି ଚତୁର୍ଥ ଦିନରେ ପହଞ୍ଚିଛି । ଇତିମଧ୍ୟରେ ପହଲଗାଓଁ ଏବଂ କାଶ୍ମୀରର ଅନ୍ୟସ୍ଥାନରୁ ଅନେକ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିବା ଜଣାପଡିଛି ।

## ଆର୍ମି ଷ୍ଟାଫ୍ ଟକ୍‌ସ

ନୂଆଦିଲ୍ଲୀରେ ଭାରତୀୟ ସେନା ଏବଂ ରୟାଲ ସାଉଦୀ ଲ୍ୟାଣ୍ଡଫୋର୍ସ ମଧ୍ୟରେ ପ୍ରଥମ ସେନା କର୍ମଚାରୀ ସ୍ତରୀୟ ଆଲୋଚନା ଅନୁଷ୍ଠିତ ହେଉଛି । ଏହି ଆଲୋଚନା କାଳରେ ମିଳିତ ଅଭ୍ୟାସ, ପ୍ରଶିକ୍ଷଣ, ସାମରିକ ଶିକ୍ଷା, ବିଶେଷଜ୍ଞ ଆଦାନ ପ୍ରଦାନ ଏବଂ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ କ୍ଷେତ୍ର ଗୁଡ଼ିକରେ ଯୋଗଦାନ ସମ୍ପର୍କିତ ବିଷୟବସ୍ତୁ ସ୍ଥାନ ପାଇଥିଲା । ଉଭୟପକ୍ଷ ଯୁଦ୍ଧକ୍ଷେତ୍ର ପରିଚାଳନା ପ୍ରଣାଳୀ ଏବଂ ଦକ୍ଷତାବିକାଶ ଉପରେ ସହଯୋଗର ଉପାୟଗୁଡ଼ିକ ନେଇ ଆଲୋଚନା କରିଥିଲେ ।

## ଏନ୍‌ଏଚ୍‌ଆର୍‌ସି ପହଲଗାଓଁ

ଜାମ୍ମୁକାଶ୍ମୀରର ପହଲଗାଓଁରେ ଆତଙ୍କବାଦୀଙ୍କ ଦ୍ୱାରା ନୀରିହ ନାଗରିକଙ୍କୁ ହତ୍ୟା କରାଯିବା ଘଟଣାକୁ ଜାତୀୟ ମାନବାଧିକାର କମିଶନ ନିନ୍ଦା କରିଛନ୍ତି । ଏକ ବିବୃତ୍ତିରେ କମିଶନ କହିଛନ୍ତି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଆତଙ୍କବାଦରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ମାନବିକତା ବିରୋଧରେ ସେମାନଙ୍କୁ ଉତ୍ତରଦାୟୀ କରିବାର ସମୟ ଆସିଛି । ପୀଡିତଙ୍କୁ ନ୍ୟାୟ ଦେବା ଏବଂ ସେମାନଙ୍କ ପରିବାରକୁ ଯଥାସମ୍ଭବ ସହାୟତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଆୟୋଗ ଆଶାବ୍ୟକ୍ତ କରିଛନ୍ତି ।

## ବାନ୍ଦୀପୋରା ଏନ୍‌କାଉଣ୍ଟର

ଜାମ୍ମୁକାଶ୍ମୀରର ବାନ୍ଦୀପୋରା ଜିଲ୍ଲାରେ ଆଜି ସକାଳେ ଗୁଳିବିନିମୟ ପରେ ବାଜିପୋରା କୁଲନାର ଜଙ୍ଗଲରେ ସେନା ଓ ଜାମ୍ମୁକାଶ୍ମୀର ପୁଲିସର ମିଳିତ ବାହିନୀ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳକୁ ଘେରାଉ କରି ତଲାସୀ ଅଭିଯାନ ଚାଲିଛି । ଏହାପୂର୍ବରୁ ଘଞ୍ଚ ଜଙ୍ଗଲରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ସେହି ସମୟରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ

ଗୁଳିବିନିମୟ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ସେଠାରେ ତଲାସୀ ଅଭିଯାନ ଜାରି ରହିଥିବା ସୂଚନା ମିଳିଛି ।

## ୟୁଏନ୍ ଇଣ୍ଡୋ ପାକ୍

କାଶ୍ମୀରରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ସେଠାକାର ପରିସ୍ଥିତିରେ ଯେଭଳି ଅଧିକ ଅବନତି ନ ହୁଏ ସେ ଦିଗରେ ଯତ୍ନବାନ ହେବାକୁ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଭାରତ ଓ ପାକିସ୍ତାନକୁ ପରାମର୍ଶ ଦେଇଛନ୍ତି । ଗତ ମଙ୍ଗଳବାର ଦିନ ପହଲଗାଓଁଠାରେ ଏହି ଆକ୍ରମଣରେ ୨୬ଜଣ ବ୍ୟକ୍ତିଙ୍କର ହୋଇଥିବା ମୃତ୍ୟୁ ଘଟଣାକୁ ନିନ୍ଦା କରି ମହାସଚିବ ଶ୍ରୀ ଗୁଟେରସଙ୍କର ମୁଖପାତ୍ର ଷ୍ଟିଫାନ୍ ଦୁଜାରିକ୍ ଏହା କହିଛନ୍ତି । ସେ କହିଛନ୍ତି ଜାମ୍ମୁ-କାଶ୍ମୀରରେ ସ୍ଥିତିକୁ ସ୍ୱାଭାବିକ କରିବା ଦିଗରେ ଉଭୟ ଭାରତ ଓ ପାକିସ୍ତାନ ମିଳିତ ପ୍ରୟାସ କରିବା ଉପରେ ମିଳିତ ଜାତିସଂଘ ଗୁରୁତ୍ୱାରୋପ କରିଛି । ଦୁଇଦେଶ ମଧ୍ୟରେ ଥିବା ଯେକୌଣସି ସମସ୍ୟାକୁ ଶାନ୍ତିପୂର୍ଣ୍ଣ ଭାବେ ଆପୋଷ ସମାଧାନ କରାଯିବା ଉଚିତ୍ ବୋଲି ମୁଖପାତ୍ରଜଣକ କହିଛନ୍ତି ।

## ମାକ୍ରନ ପହଲଗାଓଁ

ଜାମ୍ମୁ କାଶ୍ମୀରର ପହଲଗାଓଁରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଫ୍ରାନ୍ସ, ଭାରତ ଓ ଭାରତବାସୀଙ୍କ ସହ ଦୃଢ଼ତାର ସହ ଛିଡା ହୋଇଛି ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା ବେଳେ ଶ୍ରୀ ମାକ୍ରନ ଏହି ଆକ୍ରମଣକୁ କଡ଼ା ଶବ୍ଦରେ ନିନ୍ଦା କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଫ୍ରାନ୍ସ ତା'ର ସହଯୋଗୀ ରାଷ୍ଟ୍ରମାନଙ୍କ ସହ ଆତଙ୍କବାଦ ବିରୋଧରେ ଲଢ଼େଇ ଜାରି ରଖିବ ।

## ଓ୍ୱାର୍ଲ୍ଡ ମେଲେରିଆ ଡେ

ମେଲେରିଆ ରୋଗ ବିଷୟରେ ସଚେତନତା ସୃଷ୍ଟିକରିବା ଏବଂ ଏହାର ନିୟନ୍ତ୍ରଣ, ପ୍ରତିରୋଧ ଓ ନିରାକରଣ ପାଇଁ ଆଜି ବିଶ୍ୱ ମେଲେରିଆ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଏହି ଦିବସକୁ ପ୍ରୋତ୍ସାହିତ କରାଯାଉଛି । ଚଳିତବର୍ଷର ବିଶ୍ୱ ମେଲେରିଆ ଦିବସର ବାର୍ତ୍ତା ରହିଛି 'ଆମଠାରୁ ମେଲେରିଆର ଅନ୍ତ ଘଟିବ, ଏଥିନିମନ୍ତେ ପୁର୍ନବିନିଯୋଗ, ପୁନଃଚିନ୍ତନ ଓ ପୁନଃ ପଦକ୍ଷେପ ନେବା' । ଏହାର ଉଦ୍ଦେଶ୍ୟ ହେଉଛି ମେଲେରିଆ ନିରାକରଣ ଦିଗରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ମିଳିତ ପ୍ରୟାସକୁ ଆହୁରି ସକ୍ରିୟ କରିବା ।

ଆନୋଫିଲିସ ମଶା କାମୁଡ଼ିବା ଦ୍ୱାରା ସଂକ୍ରମିତ ହେଉଥିବା ପରଜୀବୀଙ୍କ ଦ୍ୱାରା ଲକ୍ଷଲକ୍ଷ ଲୋକ ମେଲେରିଆରେ ଆକ୍ରାନ୍ତ ହୋଇଥାନ୍ତି । ଏହି ଦିବସ

ମେଲେରିଆର ମୁକାବିଲା ଦିଗରେ ହୋଇଥିବା ଅଗ୍ରଗତି ଉପରେ ଗୁରୁତ୍ୱ ଦେବା ସହ ଜନଭାଗିଦାରିତାକୁ ଏକତ୍ର କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଭାରତର ପ୍ରାୟ ଅର୍ଦ୍ଧାଧିକ ମେଲେରିଆ ରୋଗୀ ଉତ୍ତରପ୍ରଦେଶ, ଗୁଜୁରାଟ ଓ ଝାଡ଼ଖଣ୍ଡର ହୋଇଥିବାବେଳେ ଆଦିବାସୀ ଜନସଂଖ୍ୟା ଥିବା ଅଞ୍ଚଳଗୁଡ଼ିକରେ ୩୨ ପ୍ରତିଶତ ଜନସାଧାରଣ ମେଲେରିଆରେ ପୀଡିତ ହୋଇଥାନ୍ତି ।

## ପିଏମ୍ ଇଣ୍ଡିଆ ଷ୍ଟିଲ୍

୨୦୩୦ ମସିହା ସୁଦ୍ଧା ଦେଶରେ ଇସ୍ପାତ ଉତ୍ପାଦନ ୩୦୦ ମିଲିୟନ ଟନ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ମୁମ୍ବାଇଠାରେ ଅନୁଷ୍ଠିତ ସପ୍ତମ ଆନ୍ତର୍ଜାତିକ ଇସ୍ପାତ ପ୍ରଦର୍ଶନୀ ଓ ସମ୍ମିଳନୀ - 'ଇଣ୍ଡିଆ ଷ୍ଟିଲ୍'କୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧିତ କରି ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଜାତୀୟ ଇସ୍ପାତ ନୀତି ଅଧୀନରେ ସରକାର ଦେଶର ସାମଗ୍ରିକ ବିକାଶ ଲାଗି ଏଭଳି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଭାରତର ଇସ୍ପାତ ଶିଳ୍ପ ଏକ ନୂତନ ବିଶ୍ୱାସର ସହ ଭବିଷ୍ୟତ ଆଡକୁ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ବର୍ତ୍ତମାନ ଦେଶରେ ମୁଣ୍ଡପିଛା ଇସ୍ପାତ ବ୍ୟବହାର ୯୮ କିଲୋଗ୍ରାମ ହୋଇଥିବାବେଳେ ୨୦୩୦ ସୁଦ୍ଧା ଏହାକୁ ୧୬୦ କିଲୋଗ୍ରାମକୁ ବୃଦ୍ଧି

କରାଯିବ । ପିଏମ୍ ଗତିଶକ୍ତି - ଜାତୀୟ ମାଷ୍ଟର ଯୋଜନା ଅଧୀନରେ ନିଆଯାଉଥିବା ବିଭିନ୍ନ ରୂପାନ୍ତରୀକରଣ ପଦକ୍ଷେପ ଯୋଗୁଁ ଏଭଳି ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## କୋର୍ଟ-ତାହାୱୁର ରାଣା

୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣାର ଷଡ଼ଯନ୍ତ୍ରକାରୀ ତାହାୱୁର ରାଣା ନିଜ ପରିବାରବର୍ଗଙ୍କ ସହିତ କଥାବାର୍ତ୍ତା କରିବା ସମ୍ପର୍କିତ ଏକ ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଅଗ୍ରାହ୍ୟ କରିଛନ୍ତି । ସ୍ୱତନ୍ତ୍ର ବିଚାରପତି ଚନ୍ଦରଜିତ୍ ସିଂହ ଗତକାଲି ରାଣାର ଆବେଦନର ବିଚାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣି ସମୟରେ ଏହି ଘଟଣାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍.ଆଇ.ଏ ପକ୍ଷରୁ ରାଣାର ଆବେଦନକୁ ବିରୋଧ କରାଯାଇଥିଲା । ପରିବାର ସଦସ୍ୟଙ୍କ ସହିତ ଦେଖାକରିବା ଲାଗି ଅନୁମତି ଦିଆଗଲେ କେତେକ ଗୁପ୍ତ ତଥ୍ୟ ରାଣା ପକ୍ଷରୁ ପ୍ରଘଟ କରିବାର ଆଶଙ୍କା କରି ଏନ୍.ଆଇ.ଏ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଚଳିତମାସ ୧୧ ତାରିଖରୁ ରାଣାକୁ ଏହି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରିବାଲାଗି ଏନ୍.ଆଇ.ଏ ପକ୍ଷରୁ ୧୮ଦିନ ଲାଗି ହେପାଜତରେ ନିଆଯାଇଛି ।

# ନେପାଳ ବଜେଟ୍ ସେସନ

ନେପାଳ ସଂସଦର ଗ୍ରୀଷ୍ମ ଅଧିବେଶନ ବା ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲି ଏଥିରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଅର୍ଥମନ୍ତ୍ରୀ ବିଷ୍ଣୁପ୍ରସାଦ ପଡେଲ ନୂତନ ଆର୍ଥିକ ବର୍ଷ ଲାଗି ଆସନ୍ତାମାସ ୨୯ ତାରିଖ ଦିନ ବଜେଟ୍ ଉପସ୍ଥାପନ କରିବେ । ଏହି ଅଧିବେଶନ ସମୟରେ ବିଦ୍ୟାଳୟ ଶିକ୍ଷା ବିଧେୟକ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଆଗତ କରିବାର କାର୍ଯ୍ୟସୂଚୀ ରହିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଚେନ୍ନାଇ ସୁପର କିଙ୍ଗ୍‌ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ । ଚେନ୍ନାଇର ଏମ୍ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ଏହି ମ୍ୟାଚ୍ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' ରାଜସ୍ଥାନ ରୟାଲ୍ସକୁ ୧୧ ରନ୍‌ରେ ପରାସ୍ତ କରିଥିଲା । ୨୦୬ରନ୍‌ର ଲକ୍ଷ୍ୟକୁ ପିଛାକରି ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୯ଟି ମ୍ୟାଚ୍‌ରୁ ୧୨

ପଏଣ୍ଟ ହାସଲ କରି ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ରାଜସ୍ଥାନ ରୟାଲ୍ସ ୯ଟି ମ୍ୟାଚ୍‌ରୁ ୪ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛି ।